## ପାଠ୍ୟକ୍ରମ – ୫୦୬

## ଅନ୍ତର୍ନିବେଶ ପରିସ୍ଥିତିରେ ଶିଶୁମାନଙ୍କୁ ବୁଝିବା

**ପୂର୍ଣ୍ଣ ସଂଖ୍ୟା- ୩୦**

### ଆସାଇନ୍‌ମେଣ୍ଟ-୧

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ବିକାଶର ବିଭିନ୍ନ ଦିଗଗୁଡିକ ବୁଝାଅ । ଜଣେ ଶିଶୁର ବୃଦ୍ଧି ଓ ବିକାଶରେ ପରିବାର, ଶିକ୍ଷକ ଏବଂ ମିଡିଆ ସମୂହର ଭୂମିକା ଆଲୋଚନା କର ।

କିମ୍ବା

କାରଣ ଉଲ୍ଲେଖ କର, କାହିଁକି ବଂଶାନୁକ୍ରମ ଏବଂ ପରିବେଶର ଆପେକ୍ଷିକ ଭୂମିକା ଜଣେ ଶିକ୍ଷକଙ୍କ ପାଇଁ ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ ?

୨. ତୁମେ ଅନୁଭବ କରୁଛକି ଆମ ସମାଜରେ ଲିଙ୍ଗଗତ ବୈଷ୍ୟମତା ବିଦ୍ୟମାନ ? ତୁମ ଉତ୍ତରର ଯଥାର୍ଥତା ଉଦାହରଣ ସହିତ ପ୍ରତିପାଦନ କର ।

କିମ୍ବା

ଲିଙ୍ଗ ନିରପେକ୍ଷ ସମାଜ ଗଠନରେ ପରିବାର, ମିଡିଆ ଏବଂ ଶିକ୍ଷକମାନଙ୍କର ଭୂମିକା ଆଲୋଚନା କର ।

### ଆସାଇନ୍‌ମେଣ୍ଟ-୨

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ଶ୍ରେଣୀଗୃହ ଅଭିପ୍ରେରଣାର ବିଭିନ୍ନ ପ୍ରବିଧିଗୁଡିକ ଉଦାହରଣ ସହିତ ବର୍ଣ୍ଣନା କର ।

କିମ୍ବା

ଚିନ୍ତନ କୌଶଳଗୁଡିକ କ'ଣ ? ଜଣେ ଶିଶୁର ଚିନ୍ତନ କୌଶଳଗୁଡିକର ବିକାଶରେ ଗୋଟିଏ ପରିବାର, ବିଦ୍ୟାଳୟ ଓ ଶିକ୍ଷକଙ୍କ ଭୂମିକା ଆଲୋଚନା କର ।

୨. ସୃଜନଶୀଳତା ପ୍ରତ୍ୟୟର ସଂଜ୍ଞା ନିରୂପଣ କର । ସୃଜନଶୀଳତାର ବିକାଶ ପାଇଁ ତୁମେ କିପରି ଶିକ୍ଷାଦାନ-ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରିପାରିବ ? ସୃଜନଶୀଳତାର ବିକାଶ କ୍ଷେତ୍ରରେ ତଥ୍ୟ ସଂଚାର ପ୍ରବିଧି ବିଜ୍ଞାନର ଭୂମିକା ଆଲୋଚନା କର ।

କିମ୍ବା

ସୃଜନଶୀଳତାର ବିକାଶ ପାଇଁ ତୁମେ କେଉଁ ପଦକ୍ଷେପ ଗ୍ରହଣ କରିବ ଓ କାହିଁକି ବୁଝାଅ ? ତୁମେ କିପରି ସୃହନଶୀଳତା ନିର୍ଦ୍ଧାରଣ କରିପାରିବ ?

## ଆସାଇନ୍‌ମେଣ୍ଟ-୩

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ। (୧୦)

୧. ଗୋଟିଏ ବିଦ୍ୟାଳୟକୁ ନିରୀକ୍ଷଣ କରି କେଉଁ କାରକଗୁଡିକ ପରିଚିତ ଦଳର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରୁ ବହିଷ୍କାର କରିବା ପାଇଁ ଆଶଙ୍କା ସୃଷ୍ଟି କରିଥାଏ ତାହାର ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କର । ଏହି ଦଳକୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରତିକାର ମୂଳକ ମତାମତ ପ୍ରଦାନ କର ।

କିମ୍ବା

ତୁମ ଅଞ୍ଚଳର ଯେକୌଣସି ଦୁଇଟି ବିଦ୍ୟାଳୟ ପରିଦର୍ଶନ କର । ନିରୀକ୍ଷଣ ମାଧ୍ୟମରେ ସରକାରଙ୍କ ଦ୍ୱାରା ଅନ୍ତର୍ନିବେଶ ବିଦ୍ୟାଳୟ ନିମନ୍ତେ କି ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ତାହା ଉପରେ ଏକ ବିବରଣୀ ପ୍ରସ୍ତୁତ କର । ଏହାର ସିଦ୍ଧାନ୍ତିକରଣ ସହିତ କେତେକ ଗଠନମୂଳକ ମତାମତ ପ୍ରଦାନ କର ।

*****

## ପାଠ୍ୟକ୍ରମ – ୫୦୭

## ଗୋଷ୍ଠି ଏବଂ ପ୍ରାଥମିକ ଶିକ୍ଷା

**ପୂର୍ଣ୍ଣ ସଂଖ୍ୟା- ୩୦**

### ଆସାଇନ୍‌ମେଣ୍ଟ-୧

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ଶିକ୍ଷା ଓ ସାମାଜୀକରଣ କିପରି ପରସ୍ପର ସମ୍ପର୍କିତ ବୁଝାଅ ? ଶିକ୍ଷାର୍ଥୀର ଜୀବନ କୌଶଳ ବିକାଶରେ ଗୋଷ୍ଠିର ପ୍ରଭାବ କ'ଣ ଆଲୋଚନା କର ?

କିମ୍ବା

ଶିଶୁମାନଙ୍କର ସାଂସ୍କୃତିକ ବିକାଶରେ କେଉଁ ସାମାଜିକ ସାଂସ୍କୃତିକ ଅଂଶଗୁଡିକ ଶିକ୍ଷାବ୍ୟବସ୍ଥାକୁ ଏବଂ ଗୋଷ୍ଠିକୁ ପ୍ରଭାବିତ କରେ ବୁଝାଅ ।

୨. ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠିକୁ ସମ୍ପୃକ୍ତି କରିବାର ଆବଶ୍ୟକତା ଗୁଡିକ ବର୍ଣ୍ଣନା କର । ବିଦ୍ୟାଳୟ ଶିକ୍ଷାର ଉନ୍ନତି ପାଇଁ କିପରି ଗୋଷ୍ଠିକୁ ଅନ୍ତର୍ଭୁକ୍ତ କରାଯାଇପାରିବ ଆଲୋଚନା କର ? ଅତିକମ୍‌ରେ ପାଞ୍ଚଟି ଉପାୟ ପ୍ରଦାନ କର ।

କିମ୍ବା

ସାମାଜିକ ଶିକ୍ଷାର ପରିସରଗୁଡିକ ସ୍ପଷ୍ଟ କର ଯେଉଁଥିରେ ଗୋଷ୍ଠିକୁ ସଂପୃକ୍ତି କରାଯାଇ ପାରିବ ? ଶିକ୍ଷା ଅଧିକାର ଧାରା ୨୦୦୯ ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠିକୁ ସଂପୃକ୍ତି କରିବାରେ କିପରି ସହାୟକ ହେଉଛି ?

### ଆସାଇନ୍‌ମେଣ୍ଟ-୨

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ଶିକ୍ଷା ଅଧିକାର ଧାରା ୨୦୦୯ ର ପ୍ରଧାନ ଉଦ୍ଦେଶ୍ୟ ଗୁଡିକ କ'ଣ ? ଏହି ଧାରାର ଭୂମିକାଗୁଡିକ ଆଲୋଚନା କର ।

କିମ୍ବା

ନେତୃତ କ'ଣ ? ଜଣେ ଶିକ୍ଷକଙ୍କ ପାଇଁ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ? ତୁମ ଶିକ୍ଷାର୍ଥୀମାନଙ୍କର ଉପଯୁକ୍ତ ବିକାଶ ପାଇଁ କେଉଁ ପ୍ରକାରର ନେତୃତ୍ୱ ତୁମେ ଗ୍ରହଣ କରିବ ଓ କାହିଁକି ?

୨. ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନମାନଙ୍କର (ସରକାରୀ ଓ ବେସରକାରୀ) ଭୂମିକା ବର୍ଣ୍ଣନା କର । ତୁମ ବିଦ୍ୟାଳୟର ଉନ୍ନତି ପାଇଁ ତୁମେ କିପରି ସେମାନଙ୍କ ସହିତ ଆଦାନ ପ୍ରଦାନ କରିବ ? ଉଦାହରଣ ସହ ବୁଝାଅ ?

କିମ୍ବା

ଗୋଷ୍ଠି ପ୍ରସ୍ତୁତୀ କରଣ କ'ଣ ? ବିଦ୍ୟାଳୟ ବ୍ୟବସ୍ଥାରେ ଏହା କାହିଁକି ଗୁରୁତ୍ୱପୂର୍ଣ୍ଣ ? ଜଣେ ସଫଳ ଗୋଷ୍ଠି ପ୍ରସ୍ତୁତୀକାରୀ ହେବା ପାଇଁ ତୁମେ ଜଣେ ଶିକ୍ଷକ ଭାବରେ କେଉଁ କେଉଁ ଗୁଣାବଳୀ ଓ କୌଶଳ ଆବଶ୍ୟକ କରିବ ? ଆଲୋଚନା କର ।

## ଆସାଇନ୍‌ମେଣ୍ଟ-୩

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୧୦୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୧୦)

୧. ଗୋଟିଏ ବିଦ୍ୟାଳୟ ପରିଚାଳନା ପାଇଁ କେଉଁ ପ୍ରକାର ସମ୍ବଳର ଆବଶ୍ୟକତା ଅଛି ? ତୁମ ବିଦ୍ୟାଳୟରେ ମାନବ ସମ୍ବଳର ପରିଚାଳନା ପାଇଁ ଯେକୌଣସି ତିନୋଟି ପ୍ରାୟୋଗିକ ପ୍ରସ୍ତାବ ଦିଅ ଏବଂ ଏହି ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଗୋଟିଏ ଯୋଜନା ଉଲ୍ଲେଖ କର ।

କିମ୍ବା

ସମ୍ବଳ ପରିଚାଳନା ଏବଂ ସବଳତା ଓ ଦୁର୍ବଳତା ଚିହ୍ନଟିକରଣ ଆଧାରରେ ତୁମ ବିଦ୍ୟାଳୟର ଗୋଟିଏ ଘଟଣା ଅଧ୍ୟୟନ ପ୍ରସ୍ତୁତି କର । ତୁମ ବିଦ୍ୟାଳୟର ସମ୍ବଳ ପରିଚାଳନାରେ ଗୋଷ୍ଠିକୁ ସଂପୃକ୍ତି କରିବା ପାଇଁ ଯେକୌଣସି ପାଞ୍ଚଟି ଉପାୟ ବର୍ଣ୍ଣନା କର ।

*****

# ପାଠ୍ୟକ୍ରମ – ୫୦୮

# ପ୍ରାରମ୍ଭିକ ସ୍ତରରେ କଳା, ସ୍ୱାସ୍ଥ୍ୟ ଓ ଶାରୀରିକ ଓ କର୍ମ ଭିତ୍ତିକ ଶିକ୍ଷାର ଶିକ୍ଷଣ

**ପୂର୍ଣ୍ଣ ସଂଖ୍ୟା- ୩୦**

## ଆସାଇନ୍‌ମେଣ୍ଟ-୧

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. "ବିଦ୍ୟାଳୟର ଦୈନନ୍ଦିନ ଶିକ୍ଷାଦାନରେ କଳା ଶିକ୍ଷା ନିୟମିତ ପାଠ୍ୟକ୍ରମ ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ" । ଦୃଶ୍ୟ ଓ ସାଧିତ କଳା ପ୍ରତ୍ୟେକରୁ ଗୋଟିଏ ଲେଖାଏଁ ଚୟନ କରି ସଂକ୍ଷେପରେ ଉକ୍ତିଟିକୁ ବୁଝାଅ ।

କିମ୍ବା

"ମୁଖା ଓ ପୁତ୍ତଳିକା ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ଆବିଷ୍କାର ଏବଂ ପରୀକ୍ଷା ପାଇଁ ଫଳପ୍ରଦ ପଦ୍ଧତି" । ଉକ୍ତିଟିକୁ ବୁଝାଅ ।

୨. "ସାଧିତ କଳା କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ପାଇଁ ଯୋଜନା ଓ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ" । ଏହି ଉକ୍ତି ଉପରେ ଆଲୋଚନା କର ।

କିମ୍ବା

କଳା ଶିକ୍ଷା କାର୍ଯ୍ୟାବଳୀର ମୂଲ୍ୟାୟନରେ ସୂଚକଗୁଡ଼ିକର ଭୂମିକା ସଂକ୍ଷେପରେ ଆଲୋଚନା କର ।

## ଆସାଇନ୍‌ମେଣ୍ଟ-୨

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ଉଦ୍ଦେଶ୍ୟଭିତ୍ତିକ ଏବଂ ଅର୍ଥବୋଧକ ଶାରୀରିକ କାର୍ଯ୍ୟ ଆଧାରରେ କର୍ମ ଶିକ୍ଷା ପ୍ରତ୍ୟୟଟିକୁ ବୁଝାଅ ।

କିମ୍ବା

ଷଷ୍ଠ ଶ୍ରେଣୀ ପାଇଁ କର୍ମଶିକ୍ଷାର ଏକ କାର୍ଯ୍ୟ ଚୟନ କର ଏବଂ ଗଣିତ, ଭାଷା ସାହିତ୍ୟ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟଗୁଡ଼ିକ ସହିତ କିପରି ସଂହତି ହାସଲ କରାଯାଇପାରିବ ବୁଝାଅ ?

୨. ନିମ୍ନ ଉକ୍ତିଟି ବୁଝାଅ - "କର୍ମ ଶିକ୍ଷା କାର୍ଯ୍ୟର ସଫଳ ରୂପାୟନ ପାଇଁ ସଠିକ ସମୟ ଓ ଶିକ୍ଷାର୍ଥୀମାନଙ୍କର ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

କିମ୍ବା

ଯେକୌଣସି ଦୁଇଟି ମୂଲ୍ୟାୟନ ଉପକରଣ ସହିତ ୭ମ ଶ୍ରେଣୀର କର୍ମଶିକ୍ଷା ପାଇଁ କିପରି ଶିକ୍ଷା ପ୍ରଦାନ କରାଯାଉଛି ବୁଝାଅ ।

## ଆସାଇନ୍‌ମେଣ୍ଟ-୩

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ସ୍ୱାସ୍ଥ୍ୟର ସଂଜ୍ଞା ନିରୂପଣ କର । କେଉଁ ମୁଖ୍ୟ କାରକଗୁଡ଼ିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ଆଲୋଚନା କର ।

କିମ୍ବା

ସୁସ୍ଥ ବିଦ୍ୟାଳୟ ପରିବେଶର ମୁଖ୍ୟ ଅଙ୍ଗଗୁଡ଼ିକ କ'ଣ ? ଯେକୌଣସି ଦୁଇଟି ଅଙ୍ଗ ଏବଂ ତାହାର ପ୍ରାସଙ୍ଗିକତା ଅତ୍ୟୁତ୍ତମ ଶିକ୍ଷଣ ଭିତ୍ତିରେ ସଂକ୍ଷେପରେ ଆଲୋଚନା କର ।

୨. ପ୍ରାଥମିକ ଚିକିତ୍ସାର ମୌଳିକ ନିୟମ ଗୁଡ଼ିକ କ'ଣ ? ଜଣେ ଶିଶୁର ରକ୍ତସ୍ରାବ ଓ ଅଚେତ ଅବସ୍ଥାରେ ପ୍ରାଥମିକ ଚିକିତ୍ସା କିପରି ପ୍ରଦାନ କରାଯିବ ସଂକ୍ଷେପରେ ଆଲୋଚନା କର ।

କିମ୍ବା

ଶାରୀରିକ ଶିକ୍ଷା ପାଠ୍ୟ ଯୋଜନାର ମୌଳିକ ନୀତିଗୁଡ଼ିକ ବୁଝାଅ ।

*****

## ପାଠ୍ୟକ୍ରମ – ୫୦୯

## ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷଣ

**ପୂର୍ଣ୍ଣ ସଂଖ୍ୟା- ୩୦**

### ଆସାଇନ୍‌ମେଣ୍ଟ-୧

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ସାମାଜିକ ପାଠ ଓ ସାମାଜିକ ବିଜ୍ଞାନ ମଧ୍ୟରେ ସଂପର୍କ ପ୍ରତିପାଦନ କର । ପରିବର୍ତ୍ତିତ ଘଟଣାବଳୀର ଅନୁକ୍ରମ ଆଧାରରେ ଭାରତୀୟ ସାମାଜିକ ବିଜ୍ଞାନର ଆପେକ୍ଷିକ ସ୍ଥାନ ଆଲୋଚନା କର ।

କିମ୍ବା

ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ ମୂଲ୍ୟବୋଧ ଓ ଆଦର୍ଶଗୁଡିକ ଆଲୋଚନା କର । ଜାତୀୟ ସଂହତି ଓ ଆନ୍ତର୍ଜାତିକ ବୁଝାମଣା ଦିଗରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ନିହିତାର୍ଥ ଗୁଡିକ କ'ଣ ?

୨. ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମରେ ସାମାଜିକ ବିଜ୍ଞାନ ପାଠ୍ୟକ୍ରମର ସ୍ଥାନ ନିରୂପଣ କର । ସାମାଜିକ ବିଜ୍ଞାନ ଅଧ୍ୟନରେ ବିବେଚନା କରାଯାଇଥିବା ବିଷୟଗୁଡିକର ତାଲିକା କର ।

କିମ୍ବା

ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଇତିହାସର ଗୁରୁତ୍ୱ ପ୍ରତିପାଦନ କର । ତୁମେ ଛାତ୍ରଛାତ୍ରୀମାନଙ୍କୁ ଇତିହାସ ଶିକ୍ଷାଦାନ ପାଇଁ କେଉଁ ପଦ୍ଧତି ଅବଲମ୍ବନ କରି ତାତ୍ପର୍ଯ୍ୟପୂର୍ଣ୍ଣ ଶିକ୍ଷଣ ପ୍ରଦାନ କରିପାରିବ ? ଆଲୋଚନା କର ।

### ଆସାଇନ୍‌ମେଣ୍ଟ-୨

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫+୫)

୧. ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ଭୂଗୋଳ ଶିକ୍ଷାଦାନର ଯୁକ୍ତି ଯୁକ୍ତତା ପ୍ରତିପାଦିତ କର । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ସାମାଜିକ ବିଜ୍ଞାନ ପାଠ୍ୟ ପୁସ୍ତକରୁ ଯେକୌଣସି ଏକ ଭୂଗୋଳ ପ୍ରସଙ୍ଗ ଚୟନ କରି ଏକ ପାଠ୍ୟ ଯୋଜନା ପ୍ରସ୍ତୁତ କର ।

କିମ୍ବା

ଉଚ୍ଚ ପ୍ରାଥମିକ ସ୍ତରର ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ସମୂହରେ ସାମାଜିକ ବିଜ୍ଞାନ ଓ ରାଜନୈତିକ ଜୀବନର ବିଷୟ ବସ୍ତୁ ପରିସର ଗୁଡ଼ିକ କ'ଣ ? ଶିକ୍ଷଣର ଶିକ୍ଷାଶାସ୍ତ୍ର ସମ୍ବନ୍ଧୀୟ ନୀତି ଗୁଡ଼ିକ ଆଲୋଚନା କର ।

୨. ତୁମ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥିବା ସାମାଜିକ-ସାଂସ୍କୃତିକ ବିଭିନ୍ନତା (ଧର୍ମଗତ ଓ ଭାଷାଗତ) ଆଧାରରେ ଏକ ଟିପ୍ପଣୀ ପ୍ରସ୍ତୁତ କର । ସେମାନଙ୍କ ପାଇଁ ଶିକ୍ଷଣ କାର୍ଯ୍ୟାବଳୀ ଗୁଡ଼ିକର ରୂପରେଖ ପ୍ରକାଶ କର ।

କିମ୍ବା

ତୁମ ଶ୍ରେଣୀରେ ସାମାଜିକ ବିଜ୍ଞାନ ଶିକ୍ଷାଦାନକୁ ଶିକ୍ଷାର୍ଥୀ-କୈନ୍ଦ୍ରିକ କରିବା ଉଦ୍ଦେଶ୍ୟରେ କେତେକ କାର୍ଯ୍ୟକ୍ରମ ପ୍ରସ୍ତୁତ କର (ଅତିକମ୍‌ରେ ୫ଟି) ।

## ଆସାଇନ୍‌ମେଣ୍ଟ-୩

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୧୦)

୧. ଉଚ୍ଚ ପ୍ରାଥମିକ ସ୍ତରରେ ସାମାଜିକ ବିଜ୍ଞାନ ଶିକ୍ଷାଦାନ ପାଇଁ ଶିକ୍ଷଣ ସମ୍ବଳଗୁଡ଼ିକ କ'ଣ ? ତୁମ ବିଦ୍ୟାଳୟରେ ସାମାଜିକ ବିଜ୍ଞାନ ବିଷୟ ପାଇଁ ଏକ ଶିକ୍ଷଣ ସମ୍ବଳ କେନ୍ଦ୍ରର ଯୋଜନା ପ୍ରସ୍ତୁତ କର ।

କିମ୍ବା

ନିରନ୍ତର ଓ ବ୍ୟାପକ ମୂଲ୍ୟାୟନ ଧାରଣାଟିକୁ ବୁଝାଅ । ତୁମେ କିପରି ତୁମର ସାମାଜିକ ବିଜ୍ଞାନ ଶିକ୍ଷାର୍ଥୀମାନଙ୍କ ପାଇଁ ଏହାକୁ ବ୍ୟବହାର କରି ପାରିବ ? ତୁମ ଅନୁଭୂତି ଆଧାରରେ ଉଦାହରଣ ସହ ବୁଝାଅ ।

## ପାଠ୍ୟକ୍ରମ – ୫୧୦

## ଉଚ୍ଚ ପ୍ରାଥମିକ ସ୍ତରରେ ବିଜ୍ଞାନ ଶିକ୍ଷଣ

**ପୂର୍ଣ୍ଣ ସଂଖ୍ୟା- ୩୦**

### ଆସାଇନ୍‌ମେଣ୍ଟ-୧

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୫)

୧. ଉଦାହରଣ ଦେଇ ପ୍ରତ୍ୟକ୍ଷବାଦ, ସନ୍ଦେହ ବାଦ ଓ ଯୁକ୍ତିବାଦ ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

କିମ୍ବା

ଉପଯୁକ୍ତ ଉଦାହରଣ ମାଧ୍ୟମରେ ନିମ୍ନଲିଖିତ ବୈଜ୍ଞାନିକ ମନୋବୃତ୍ତିର ବୈଶିଷ୍ଟ୍ୟଗୁଡିକ ଲେଖ ।

- ବସ୍ତୁନିଷ୍ଠତା
- ସନ୍ଦେହବାଦ

୨. ଗୋଟିଏ ବୈଜ୍ଞାନିକ ପରିକଳ୍ପନା / ଅନୁମାନ ନିମ୍ନଲିଖିତ ଦୁଇଟି ସର୍ତ୍ତ ପୂରଣ କରିଥାଏ : (୫)

- ଏହା ଅପରିବର୍ତ୍ତନୀୟ ତଥ୍ୟ ପ୍ରଦାନ କରିବା ଉଚିତ୍ ।
- ଏହା ପରୀକ୍ଷଣ କ୍ଷମ ହେବା ଉଚିତ୍ ।

ଉପରୋକ୍ତ ଦୁଇଟି ସର୍ତ୍ତ ଉଦାହରଣ ସହ ବୁଝାଅ ।

କିମ୍ବା

ବହୁ ଇନ୍ଦ୍ରିୟ ଜଡିତ ଶିକ୍ଷଣ ସର୍ବଦା ଶିକ୍ଷାର୍ଥୀମାନଙ୍କୁ ସୁବିଧା ପ୍ରଦାନ କରିଥାଏ । ଉପଯୁକ୍ତ ଦୁଇଟି ଉଦାହରଣ ସହିତ ଏହି ଉକ୍ତିଟିକୁ ବୁଝାଅ ।

### ଆସାଇନ୍‌ମେଣ୍ଟ-୨

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୫୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୧୦)

୧. ବିଜ୍ଞାନ ଶିକ୍ଷାଦାନର ଶୃଙ୍ଖଳିତ, ସଂଚାରିତ, ଆବିଷ୍କାର ଓ ଅନୁସନ୍ଧାନ ମାର୍ଗର ଗୋଟିଏ ଉଦାହରଣ ସହିତ ନିମ୍ନଲିଖିତ ଦିଗଗୁଡିକ ବୁଝାଅ ।

- ଗଠନାତ୍ମକ ଶିକ୍ଷାଦାନ
- ଶିକ୍ଷଣ ପ୍ରକ୍ରିୟା

କିମ୍ବା

ସପ୍ତମ ଶ୍ରେଣୀ ବିଜ୍ଞାନ ପାଠ୍ୟ ପୁସ୍ତକରୁ ନିଜ ଇଚ୍ଛାରେ ଏକ ପ୍ରସଙ୍ଗ ବାଛ ଏବଂ ବିଶ୍ଳେଷଣ କରି ଦେଖ ଏହା ବିଷୟ ଗତ ବା ବିଷୟ କୈନ୍ଦ୍ରିକ ମାର୍ଗ ଅଟେ । ତୁମ ଉତ୍ତରର ଯଥାର୍ଥତା ପ୍ରତିପାଦନ କର ।

## ଆସାଇନ୍‌ମେଣ୍ଟ-୩

ଟିପ୍ପଣୀ : ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ପ୍ରାୟ ୧୦୦୦ଟି ଶବ୍ଦ ମଧ୍ୟରେ ଲେଖନ୍ତୁ । (୧୦)

୧. ସପ୍ତମ ଶ୍ରେଣୀ ପାଠ୍ୟ ପୁସ୍ତକରୁ ସ୍ୱଇଚ୍ଛାରେ ଏକ ପ୍ରସଙ୍ଗ ବାଛି ଅନୁସନ୍ଧାନ ମାର୍ଗ ଆଧାରରେ ସେହି ପ୍ରସଙ୍ଗଟିକୁ ଶିକ୍ଷାଦାନ ଦେବା ପାଇଁ ଗୋଟିଏ ଉପଯୁକ୍ତ ପାଠ୍ୟ ଯୋଜନା ପ୍ରସ୍ତୁତ କର ।

କିମ୍ବା

ଶିକ୍ଷାର୍ଥୀମାନଙ୍କର ଜ୍ଞାନାତ୍ମକ, ଭାବାତ୍ମକ ଓ ମନୋକାରକ ଦିଗଗୁଡିକୁ ମୂଲ୍ୟାୟନ କରିବା ପାଇଁ ଶିକ୍ଷକ କେଉଁ ସବୁ ଉପକରଣ ଓ ପଦ୍ଧତିଗୁଡିକ ବ୍ୟବହାର କରିବା ଆବଶ୍ୟକ ଉପଯୁକ୍ତ ଉଦାହରଣ ସହିତ ବୁଝାଅ ।

*****